ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଉତ୍ତର ଅଶୀ ଓଡ଼ିଆ କବିତାରେ ଜଗତୀକରଣ ପ୍ରଭାବ

## ମନୋଜ କୁମାର ବେହେରା

ଓଡ଼ିଆ କବିତା କ୍ଷେତ୍ରରେ ଜଗତୀକରଣ ପ୍ରସଙ୍ଗ ଏକ ନୂଆ କାବ୍ୟଛାଂଚ ଭାବରେ ପ୍ରାସଙ୍ଗିକତା ମନେହୁଏ । ଅଦ୍ୟାବଧି ଏ ସଂପର୍କିତ ଅଳ୍ପ କେତୋଟି ପ୍ରବନ୍ଧ ମାତ୍ର ପ୍ରକାଶିତ ହୋଇଅଛି । ସଂପୂର୍ଣ୍ଣ ନୂଆ ଏକ ଭାବଧାରା-ପରିବେଷ୍ଟନୀରେ ଓଡ଼ିଆ ଆଧୁନିକ ପ୍ରସଙ୍ଗ କ୍ରମେ ଏହି ଜଗତୀକରଣୀୟ ଭାବଧାରାଟି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ସାଂପ୍ରତିକ ବିଶ୍ୱ ଅର୍ଥନୀତିରେ ସୁଧାର ଯଥା, ଘରୋଇକରଣ, ଉଦାରୀକରଣ, ଜଗତୀକରଣ ପରି ଅର୍ଥନୈତିକ ନୂଆ ନୀତି ଆମ ସମାଜ ଉପରେ ଖୁବ ପ୍ରଭାବ ପକେଇଛି । ଗାନ୍ଧୀବାଦ ପ୍ରବକ୍ତା ମନମୋହନ ଚୌଧୁରୀ ଏବଂ ସମାଜବାଦୀ ନେତା ପ୍ରମୁଖ ଏହାକୁ ନବସାଧବମାନଙ୍କ ଉଦାର ଅର୍ଥନୀତି କହି ଏହା ସ୍ୱୀକାର କରନ୍ତି ଯେ, ଏହା ତୃତୀୟ ବିଶ୍ୱର ଜନଗଣର ରକ୍ତ ଶୋଷଣ ପାଇଁ ଏକ ଯୋଜନାବଦ୍ଧ ଉଦ୍ୟମ । ଉତ୍ତର ଆଧୁନିକତାବାଦୀ ଫୁକୋ ମଧ୍ୟ ସ୍ୱୀକାର କରନ୍ତି ଯେ "କ୍ଷମତା ଓ ଜ୍ଞାନ ବଳରେ ଏକ ପରାକ୍ରମଶାଳୀ ସଂସ୍କୃତିର ଦୁର୍ବଳ ମାନଙ୍କର ଗ୍ରାସୀକରଣ ମାନସିକାତା ହେଉଛି ଜଗତୀକରଣ ।"

ଉକ୍ତ ପ୍ରତିକ୍ରିୟାର ସ୍ୱରୂପ ଭାବରେ ଆମ କାବ୍ୟ ସ୍ରଷ୍ଟାମାନେ କବିତା କ୍ଷେତ୍ରରେ ବିଦ୍ରୋହ ସୃଷ୍ଟି କରିଛନ୍ତି । ଏ ବିଦ୍ରୋହ କେତେବେଳେ ନିଜର ଭିଟାମାଟି ପାଇଁ ତ ଆଉ କେତେବେଳେ ଦଳିତମାନଙ୍କ ପାଇଁ । ପୁଣି କେତେବେଳେ ଜଳ-ଜଙ୍ଗଲ-ଖଣିଖାଦାନ ପାଇଁ ତ ପୁଣି କେତେବେଳେ ସହରୀକରଣ ଭିତରେ ହଜି ଯାଉଥିବା ପଲ୍ଲୀସଂସ୍କୃତିର ଅସ୍ତିତ୍ୱ ପାଇଁ । ଏପରି ବିଶିଷ୍ଟ ଭାବନାକୁ କେତେକ କବି ନିଜ କଲମମୁନରେ ସ୍ଥାନ ଦେଇଛନ୍ତି । ଜଗତୀକରଣୀୟ ଭାବସତ୍ତାକୁ ଯେଉଁମାନେ ନିଜର କାବ୍ୟ ପରିଧି ମଧ୍ୟରେ ଗଢି ତୋଳିଛନ୍ତି ସେମାନଙ୍କ ମଧ୍ୟରେ ପ୍ରସନ୍ନ ମିଶ୍ର, ଆଶୁତୋଷ ପରିଡ଼ା , ମନୋରମା ବିଶ୍ୱାଳମହାପାତ୍ର, ବୈକୁଂଠନାଥ ସାହୁ, ମନୋଜ କୁମାର ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ହୃଷୀକେଶ ମଲ୍ଲିକ, ହୃଦାନନ୍ଦ ପାଣିଗ୍ରାହୀ, ପ୍ରସନ୍ନ କୁମାର ମହାନ୍ତି, ରମେଶ ପ୍ରତାପ, ପିତାମ୍ବର ତରାଇ, ଅରୂପାନନ୍ଦ ପାଣିଗ୍ରାହୀ, ଅଭୟ ନାୟକ, ସୁଚେତା ମିଶ୍ର, ଦିଲ୍ଲୀପ କୁମାର ସ୍ୱାଇଁ, ଭାରତ ମାଝୀ, ବାସୁଦେବ ସୁନାନୀ, ଭଗବାନ ଜୟସିଂ ଆଦିଙ୍କୁ ସ୍ମରଣ କରାଯାଇପାରେ । ବିଶିଷ୍ଟ କବି ସମାଲୋଚକ କୁମୁଦ ଚନ୍ଦ୍ର ଦାଶ ସ୍ୱୀକାର କରିଛନ୍ତି ଯେ ଏହି ଜଗତୀକରଣୀୟ କବିତାର ଧାରା ଏକବିଂଶ ଶତାବ୍ଦୀର ବିଚାରା ଏଇ ଶତାବ୍ଦୀରେ ହିଁ କବିମାନେ ଏହି ପୃଷ୍ଠଭୂମିକୁ ଆଧାର କରି ସଚେତନ କାବ୍ୟପ୍ରସ୍ତ ନିର୍ମାଣ କଲେ ।

ବିଂଶ ଶତାବ୍ଦୀର ଆରମ୍ଭରୁ ଠିକ୍ ଦୁଇ ଦଶନ୍ଧି ପୁର୍ବବର୍ତ୍ତୀ ସମୟ, ଅର୍ଥାତ୍ ୧୯୮୦ ପରବର୍ତ୍ତୀ ସମୟ, ଓଡ଼ିଆକାବ୍ୟ ନିର୍ମାଣର ଏକ ଭିନ୍ନ ପଦଯାତ୍ରା ତଥା ଘଡ଼ିସନ୍ଧି ମୁହୂର୍ତ୍ତ । ଏଇ ପୃଷ୍ଠଭୂମିରେ ମଣିଷ ହରେଇଥିବା ଅତୀତକୁ ଖୋଜିଲା, ହଜିଯାଇଥିବା ଗ୍ରାମ୍ୟଜୀବନ ତଥା ସଂସ୍କୃତିକୁ ଖୋଜିଲା । ଜୀବନର ନୂଆ ଏକ ମୂଲ୍ୟବୋଧ ସଂପର୍କରେ ଅବଗତ ହେଲା । ବିଶ୍ୱକୁ ଭିନ୍ନ ଏକ ଦୃଷ୍ଟି ନେଇ ପରୀକ୍ଷା କଲା । କବିତାର ଭାଷା ହେଲା ସରଳ, ନିରାଡ଼ମ୍ବର ଭାଷାଶୈଳୀ ଖୁବ୍ ଭାବବ୍ୟଞ୍ଜକ । ସାଧାରଣ ଜନତାଠାରୁ ଆରମ୍ଭ କରି ଦୂର ବିଦେଶରେ ବାସକରୁଥିବା ପ୍ରବାସୀ ଓଡ଼ିଆ ପର୍ଯ୍ୟନ୍ତ ସମସ୍ତେ କାବ୍ୟଚେତନାର ଭାବ ଆଉ ଶୈଳୀକୁ ବୁଝିବାରେ ସକ୍ଷମ ହେଲା । ସମାଜର ଦର୍ପଣ ସଦୃଶ ଘଟିଯାଉଥିବା ଘଟଣାକୁ କାବ୍ୟରୂପ ପ୍ରଦାନ କରି କବିତା କ୍ଷେତ୍ରରେ କ୍ଷୋଭ ପ୍ରକାଶ କଲେ । ଜାଗତିକ ଦୃଷ୍ଟିବଳୟରୁ ପୃଥକ ହୋଇଯାଉଥିବା ମଣିଷକୁ ନୂଆ ପୃଥିବୀ ନୁହେଁ, ସେଇ ଧୂସର ପୃଥିବୀର ମହତ୍ୱ ବୁଝାଇ ଦେଲେ ।

ବିଶେଷତଃ ଏହି ସମୟର କବିତାକୁ କେତେକ ଭାଗରେ ଦର୍ଶାଇ ଆଲୋଚନା କଲେ ଅଧିକ ପ୍ରାସଙ୍ଗିକ ମନେହେବ ବୋଲି ଭାବୁଛୁ ।

**ସାଂସ୍କୃତିକ ବିବିଧତା ପ୍ରସଙ୍ଗ :**

"A nation's culture resides in the hearts and in the soul of its people."

ଏଥିରୁ ସ୍ପଷ୍ଟ ଅନୁମେୟ କରି ହୁଏ ଯେ ଗୋଟିଏ ସଂସ୍କୃତି ପାଇଁ ଆମ ମାନଙ୍କ ଭୂମିକା କେତେ ମହାନ । ଗାନ୍ଧୀ, ଏହା ଭଗବତ୍‌ବୋଧ ଦୃଷ୍ଟିରୁ କହିଥିଲେ । ଆଜିର ଅବକ୍ଷୟମୁଖୀ ମନୁଷ୍ୟ ସାଂସ୍କୃତିକ ବିବିଧତା ଆଣିବା କ୍ଷେତ୍ରରେ ବେଶ୍ ପ୍ରଯତ୍ନଶୀଳ । ଭାରତୀୟ ସଂସ୍କୃତିମୂଳତଃ ମିଶ୍ରସଂସ୍କୃତି । ଏଠାରେ ସବୁ ଧର୍ମକୁ ଗୁରୁତ୍ୱ ଦେବା ସହ ସବୁ ସଂସ୍କୃତିକୁ ପ୍ରାଧାନ୍ୟ ଦିଏ । ମୂଳତଃ ପଶ୍ଚିମୀ ସଂସ୍କୃତି, ଯେଉଁଥିରେ ଅପସଂସ୍କୃତିର ମିଶ୍ରଣ ବେଶ୍ ପ୍ରଭାବଶାଳୀ, ଏହା ଆମ ଭାରତୀୟ ସଂସ୍କୃତି ବିରୋଧୀ । ଉପଭୋକ୍ତାବାଦୀ ସଂସ୍କୃତି ଆଡ଼କୁ ଧ୍ୟାନ ଦେଲେ ଏ ସଂପର୍କରେ ଆମେ ସବୁ ଭଲ ଭାବେ ବୁଝିପାରିବା । ଭାଏଗ୍ରା, ସାଣ୍ଡାତେଲ, ବି-୩୬, ଲିଂଗବର୍ଦ୍ଧକ ଯନ୍ତ୍ର, ତୁରନ୍ତ ଗର୍ଭନିରୋଧକ ପିଲ୍, ସ୍ପା, କୁମାରୀମାତୃତ୍ୱ, ଫ୍ରେଣ୍ଡସିପ ନେଟଓ୍ୱର୍କ ଏକତ୍ର ସହାବସ୍ଥାନ ଆଦି ଏହାର ସ୍ଥୂଳ ଉଦାହରଣ ।

ଅବକ୍ଷୟମାଣ ଆମ ସଂସ୍କୃତି, ଆଜି ଅନ୍ଧାରୀମୁଳକରେ ଗତିମାନ, ଇଂଟରନେଟର ବହୁଳ ବ୍ୟବହାର ତଥା ସ୍ୱଳ୍ପ ରାଶିରେ ଉପଲବ୍ଧ ଇଂଟରନେଟ ସେବା ଆଜିର ଯୁବପୀଢ଼ି ତଥା ପିଲାମାନଙ୍କ ଉପରେ ବିଶେଷ ପ୍ରଭାବ ପାଇଛି । ଏହାର ସୁଲଭ ଉପଯୋଗ ଚେତନା ଭିତରେ ଅଶ୍ଳିଳତାର ପ୍ରବେଶ କରିବା ସହ ସାଇବରକ୍ରାଇମର ଶିକାର ହେଉଛନ୍ତି । ଏହି ଜଗତୀକରଣର ପ୍ରଭାବକୁ ଆଖି ଆଗରେ ରଖି କବି ବିରଜା ବଳ ତାଙ୍କ 'ଜଗତୀକରଣର ଗାଁ' କବିତାରେ ପଲ୍ଲୀଜୀବନର ଉତ୍କଟ ଚିତ୍ର ଅଙ୍କନ କରିଛନ୍ତି ।

"ଜୀବନକୁ ସଂପୂର୍ଣ୍ଣ ପ୍ରଭାବିତ କରି ରଖିଥିବା
ବିଜ୍ଞାନର ଦୀର୍ଘସୂତ୍ରୀ ସ୍ନେହଶୀଳ ଡୋର
'ଜଗତୀକରଣର'
ସାପ ପରି ଗୁଡ଼େଇ ହୁଏ ବେକରେ
ଛାତିରେ ଲାଉଡ଼ଙ୍କ ପରି ମାଡ଼େ
କମ୍ପାନୀମାନଙ୍କର ଭାଇଚାରା ।

x x x

ଆମ ପାଣିରେ ମାରାତ୍ମକ ଜୀବାଣୁ
ପବନରେ ବିପଦ ଜନକ ଭୂତାଣୁ
ସେ ଦେଶରେ ପାଣି ବୋତଲରେ ବିକ୍ରି ହୁଏ
ଆମ ସୁଲଭ ବଜାରରେ
ଏହାପରେ ପଲି ପ୍ୟାକରେ ବିକ୍ରି ହେବା ପାଇଁ
ଆସିବ ପବନ
ନିରୋଗ ହେବ ଦେହ ଆମର
ଛାତି ହେବ ପଥର ପରି ଟାଣ ।"

ଏଠାରେ କବି ଉପନିବେଶବାଦୀ ସଂସ୍କୃତିର ଗୃଧ୍ର ଜାଲ ସଂପର୍କରେ ଉଲ୍ଲେଖ କରିଛନ୍ତି । ଆମ ପଲ୍ଲୀସଂସ୍କୃତି ଦୁର୍ବଳ କରି ଜରି ପ୍ୟାକେଟ ସଂସ୍କୃତିକୁ ସୁସ୍ଥ ସଂସ୍କୃତି ଭାବେ ବିବେଚନା କରୁଛି । କଳକାରଖାନା ବସାଇ ପ୍ରଦୂଷଣ ପ୍ରସଙ୍ଗକୁ ଗୁରୁତ୍ୱ ନଦେଇ ଆମ ସୁସ୍ଥ ପରିବେଶ ସହ ପଶା ଖେଳୁଛନ୍ତି । ପୀତାମ୍ବର ତରାଇ 'ଉତ୍ତର ଆଧୁନିକ' କବିତାରେ ଜଗତୀକରଣର ତଥା ଉଦାରୀକରଣର ଉତ୍କଟ ରୂପକୁ ଅନ୍ୱେଷଣ କରିଛନ୍ତି ।

"ଏବେ ମୁଁ ଯେଉଁଠି ଅଛି, ଏଠି ଦାବି ଉଠିଲାଣି
ମନ୍ଦିରରୁ ଉଠିଯାଉ ଗ୍ରାମଦେବତୀ
ଭିତରେ ପୂଜା ପାଉ ମାଧୁରୀ ଦୀକ୍ଷିତ
ଏବେ ମୁଁ ଯେଉଁଠି ଅଛି, ଏଠି ରାଜପୁତ୍ର ବେଶରେ ଜଣେ
ହୋସ ବିହୀନ ବରଯାତ୍ରୀ ଦଳ
ଫେସନ୍ ସୋ'ରେ ଭାଗନେବ ଜିଦ୍ ଧରିଛି ଝିଅ
ବେକାରୀ ପୁଅ ବି.ଏସ୍.ପି.ରେ ଯୋଗଦେବ
ଦଳିତଙ୍କ ନେତା ହେବ
ଚୁମା, ଚମ୍ପାଫୁଲ, ଚେନାଚୁର, ଶସ୍ତାରେ ମିଳୁଛି ବୋଲି
ଛାତ ଉପରେ ଥାଇ ଉଦାରୀକରଣ ପୃଥିବୀରେ
ପରବାୟ ନାହିଁ, ମୋବାଇଲ ଫୋନ୍ ଧରି
କେଉଁ ଲଳନା ସହକଥା ହେଉଛି ସାନପୁଅ" ।

ସାଂସ୍କୃତିକ ବିଘଟନର ଚିତ୍ର ଏଠାରେ ସ୍ପଷ୍ଟ । ଯାହା ଆମ ସମାଜ ପାଇଁ ଶୁଭଦାୟକ ନୁହେଁ । ଏହାଦ୍ୱାରା ଅପସଂସ୍କୃତିର ପ୍ରସାରଣ ଘଟୁଛି । ଏଠାରେ ଡକ୍ଟର ଗୌରାଙ୍ଗ ଚରଣ ଦାଶଙ୍କ ଉକ୍ତିକୁ ସ୍ୱୀକାର କରି ତାଙ୍କ ସହ ଏକମତ ହେବାକୁ ହୁଏ । "ଅବଶ୍ୟ ଏହା

ଆମେ ଭୁଲିଯିବା ଉଚିତ୍ ନୁହେଁ ଯେ, ପୃଥିବୀର କୌଣସି ଜାତି, ସଂପ୍ରଦାୟ, ଗୋଷ୍ଠୀର ସଂସ୍କୃତି ମୌଳିକ ନୁହେଁ, ତାହା ସଂକର ହେବାପାଇଁ ବାଧ୍ୟ । ମାତ୍ର ଏକ ସଂସ୍କୃତିର ସଂକରାୟନର ଅର୍ଥ ଏହାର ସଂପୂର୍ଣ୍ଣ ବିଲୁପ୍ତିକରଣ ଅଥବା ବିବର୍ତ୍ତନ ନୁହେଁ ଏହା ଏକ ପ୍ରକାର ସମନ୍ୱୟ ।" ତଥାପି ମାନବୀୟ ମୂଲ୍ୟବୋଧ ତଥା ସଂସ୍କୃତିର ଉତ୍ତର ଦାୟିତ୍ୱ ସଂରକ୍ଷଣ ଆମର କର୍ତ୍ତବ୍ୟ ।

ଏଠାରେ ଶ୍ରୀଦେବଙ୍କ 'ମଲାଲୋକ' କବିତା ଏବଂ ସୁଚେତା ମିଶ୍ରଙ୍କ 'ଅନ୍ତତଃ ଏ ପୃଥିବୀ ଲାଗି' କବିତା ଦୁଇଟିର ଅବକ୍ଷୟମାଣ ପଲ୍ଲୀ ସଂସ୍କୃତିର ଦାରୁଣ ଚିତ୍ରର ଉଦାହରଣ ଦେଇ ସାଂସ୍କୃତିକ ବିବିଧତା ଆଲୋଚନାର ଶେଷ ପର୍ଯ୍ୟାୟକୁ ଆସିବା ।

"ଆମ ଗାଆଁରେ ୧୦ଦିଶକର୍ମରେ ଜଣେହେଲେ
କେହି ନାହାନ୍ତି ନାପିତ
ଦରକାରରେ ପଞ୍ଝା ବିଂଚିଥିବା ଲୋକଟି
ଆସୁନି, ଠିଆହୋଇଛି ବାଡ଼ ସେପଟରେ
ରାଆ ଦବ କିଏ ଉତ୍ତରପୁରୁଷ ?"(୬)

କିମ୍ବା

"ସେମାନଙ୍କର ପୋଷାକ ପରିଚ୍ଛେଦ
ବାସନକୁସନ, ମାଳକାଠି ମୁକୁଟ
ଢୋଲ ମାଦଳ
ସେମାନଙ୍କର ଲିପିଭାଷା
ତାଙ୍କର ଗୀତିକବିତା
ତମେ ସାଇତି ରଖିଚ ସଂଗ୍ରାଳୟରେ
ସେମାନେ ଗଲେ କୁଆଡ଼େ ?"

ପ୍ରଥମ ପଂକ୍ତିଟିରେ ଆଉ ଆଗଭଳି ପଲ୍ଲୀ ସଂସ୍କୃତିର ରୂପ ନାହିଁ ଅର୍ଥାତ ସହରୀ ସଭ୍ୟତା ଭିତରେ ସେମାନେ ସବୁ ପଶ୍ଚିମୀ ପ୍ରବାହରେ ପ୍ରବହମାନ । ମାନବିକତା ପ୍ରାୟଶୂନ୍ୟ । ତଥାପି ତା'ଭିତରେ ଗୋଟିଏ ଜୀବନ ପ୍ରବାହ ଚାଲିଛି । ଦ୍ୱିତୀୟ କବିତାଟିରେ ଆଦିବାସୀ ସଂସ୍କୃତିର ବିଲୁପ୍ତ ଇତିହାସ କଥା କୁହାଯାଇଛି । ସେମାନେ ଯେ ବିସ୍ଥାପିତ ହୋଇ ନିଜ ସଂସ୍କୃତିକୁ ଆଉ ନିଜକୁ ହଜାଇ ଦେଇ ଏବେ କେବଳ ସହରୀ ଜୀବନ ତଥା ଆଧୁନିକ ଜୀବନ ଜୀଉଁଛନ୍ତି । କେବଳ ସଂଗ୍ରାହଳୟ ଭିତରେ ସେମାନେ ବଂଚି ରହିଛନ୍ତି, ଏକମାତ୍ର ସଂକେତ ଆମ ସରକାର ତାଙ୍କ ଉଦ୍ଦେଶ୍ୟରେ ଛାପ ରଖିଛନ୍ତି ।

## ଆଂଚଳିକତା ତଥା ମାଟି ମୋହ ପ୍ରସଙ୍ଗ

ଆର୍.ଏ.ଗୋହାର ଶାହି କହିଛନ୍ତି- "In every country, every city,every vicinity, every locality , every home, there are loving soals." ଏଥିରୁ ସ୍ପଷ୍ଟ ଅନୁମେୟ କରିହୁଏ ଯେ ଆଂଚଳିକତା ତଥା ନିଜ ମାଟି ହିଁ ବାସସ୍ଥଳର ପ୍ରକୃତ ଆତ୍ମା । ଏହି ପ୍ରସଙ୍ଗାନୁକ୍ରମେ ଆଜିର ବିଦେଶୀ ସଭ୍ୟତାର ଚିନ୍ତାଚେତନାରେ ବଂଚିଲେ ମଧ୍ୟ ଝୁଂଟି ପଡ଼ିଲେ ମାଆଲୋ ବୋଲି ତା ପାଟିରୁ ବାହାରି ଆସେ । ଏଥିରୁ ତା ସଂସ୍କୃତି ତଥା ଆଂଚଳିକତା ସଂପର୍କରେ ସ୍ୱତଃ ପ୍ରମାଣ ଆସିଯାଏ । ଆଜିର ମନୁଷ୍ୟ ଯଥେଷ୍ଟ କୁଶଳୀ, ଉଭୟ ଜ୍ଞାନ ଏବଂ ପ୍ରାୟୋଗିକ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ । ସୁଦୂର ଆମେରିକା, ଫ୍ରାନ୍ସ, ଜାପାନ, ପ୍ୟାରିସ, ବର୍ଲିନ୍, ଇତ୍ୟାଦି ସହରକୁ ଯାତ୍ରାକରି ନିଜ ଅସୀମ ଜ୍ଞାନର ପରିଚୟ ଦେଇଛନ୍ତି । ତଥାପି ଭୁଲି ନାହିଁ ନିଜ ଭିଟାମାଟି ଜନ୍ମମାଟି । କବିତା କ୍ଷେତ୍ରରେ ଏହାର ପ୍ରକାଶ ରାଧାନାଥ-ନନ୍ଦକିଶୋର-ଗୋପବନ୍ଧୁ-ସଚ୍ଚି ରାଉତରାୟ-ସୀତାକନ୍ତ-ରମାକାନ୍ତ-ରାଜେନ୍ଦ୍ର କିଶୋରଙ୍କ ପରି ପ୍ରମୁଖ କବିମାନେ ଏକାନ୍ତ ନିଜ ପାଣ୍ଡିତ୍ୟ ଓ ପ୍ରତିଭା ବଳରେ ରୂପଦେଇ ଅମିତ ଯଶର ଅଧିକାରୀ ହୋଇପାରିଛନ୍ତି । ତଥାପି ନିଜ ମାଟିକୁ ଭୁଲି ନାହାନ୍ତି ।

ଉତ୍ତର ଅଶୀ କାବ୍ୟ ଚେତନାରେ ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ସୌରୀନ୍ଦ୍ର ବାରିକ, ପ୍ରସନ୍ନ କୁମାର ମିଶ୍ର, ଆଶୁତୋଷ ପରିଡ଼ା, ପୀତାମ୍ବର ତରାଇ, ହୃଷୀକେଶ ମଲ୍ଲିକ, ଜୟନ୍ତ ମହାପାତ୍ର, ଗିରିଜା ବଳିୟାରସିଂ, ପିନାକୀ ମିଶ୍ର, ବିଜୟାନନ୍ଦ, ଦିଲ୍ଲୀପ କୁମାର ସ୍ୱାଇଁଙ୍କ କବିତାରେ ଏ ଆଂଚଳିକତା ପ୍ରସଙ୍ଗ ବେଶ୍ ସ୍ପଷ୍ଟ । ସୀତାକାନ୍ତ ମହାପାତ୍ର ତାଙ୍କ 'ଓଡ଼ିଶା' କବିତାରେ ଓଡ଼ିଶୀ ଜୀବନକୁ ବାନ୍ଧି ରଖିବାକୁ ଚେଷ୍ଟା କରିଛନ୍ତି-

"ଏଇ ନଈ-ତେଇଶି ଛଣଛପର ଘରର
ଏରୁଣ୍ଡିବନ୍ଧ ଡେଇଁ ଯୁଆଡ଼େ ମୁଁ ଯାଏ
ଦିଲ୍ଲୀ, କି ଟୋକିଓ କି ଲେନିନ ଗ୍ରାଡ଼
କାମକୁ, କବିତାକୁ ଚେରିଫୁଲସଭାକୁ କି ନେଭା ନଦୀକୁ
ସାଙ୍ଗରେ ନେଇଯାଏ ଘର ସାମ୍ନାରେ
ପୁବେଇ ପବନରେ ନଇଁ ପଡୁଥିବା
ବଉଳଭର୍ତ୍ତି ଆମ୍ବଗଛକୁ
ଯାହା ଭିତରେ ସ୍ୱପ୍ନ ପରି ହଳଦୀ ବସନ୍ତଟିଏ
ହେଇ ଅଛି ହେଇନାହିଁ ଖେଳରେ

ହଜୁଥାଏ, ଦିଶୁଥାଏ

ପୁଣି ହଜେ, ପୁଣି ଦିଶେ

ଏତିକି ମୋ ପାଇଁ ଓଡ଼ିଶା ।"(୮)

କବି ଜୟନ୍ତ ମହାପାତ୍ର 'ଓଡ଼ିଶା' କବିତାରେ ବିଗତ ଇତିହାସର କଟକକୁ ସାମ୍ନା କରିଛନ୍ତି । ମନେପଡୁଛି ସବୁ ସ୍ମୃତି-

"କଣ ଏତେସବୁ ଅଛି ତୋର

ଭୁଲି ହୁଏନା ଯାହାକୁ କେବେବି ?

ଆଉ ନାହିଁ ଧାଡ଼ି ଧାଡ଼ି ଟଗର

ନାଇଁ ଆଜି ରାସ୍ତା ଛକ ସବୁରେ

ବୁଢ଼ାବୁଢ଼ା ଓସ୍ତ ଓ ବର

ନାଇଁ କରୁଣା ରିକ୍ସାରେ ବସିଥିବା ବାବୁର

ଦୟା ବି ଟିକେ ନାଇଁ ପୁଲିସବାଲାର ।"

କବି ପିନାକୀ ମିଶ୍ର ଧ୍ୱସ୍ତବିଧ୍ୱସ୍ତ ଖଣ୍ଡବିଖଣ୍ଡିତ ଓଡ଼ିଶାର ଚିତ୍ର ତାଙ୍କ 'କେନ୍ଦୁଝରେ' କବିତାରେ ଆଙ୍କିଛନ୍ତି । ଦୁଃସହ ପ୍ରକୃତି ତଥା ସ୍ୱାର୍ଥସାଧନ ନିମନ୍ତେ ଖଣିଖାଦାନ ଆଦିର ସ୍ୱାଭାବିକତା ଏ କବିତାରେ ବେଶ୍ ସ୍ପଷ୍ଟ ।

"ସରି ଆସୁଚି ପାହାଡ଼ର ପରମାୟୁ

ଖୁବ୍ ଖୋଳା ଚାଲିଛି ଲୁହାପଥର

ବସନ୍ତ ମୁହଁପରି ଦିଶିଗଲାଣି କେନ୍ଦୁଝର

ବୈତରିଣୀ, ମାଛକାନ୍ଦଣା, କାରେସୁନା

ଆଦି ବିଷାଦଭରା ନଈରେ

ଘରଭଙ୍ଗା କରୁଣ ଗୀତ ।"

ଅନ୍ୟତ୍ର ଆଧୁନିକ ଜଗତୀକରଣ ପ୍ରକ୍ରିୟାରେ ସନାତନ ଏକ ସାମାଜିକ ମିଥ୍ ଚେତନାର ପ୍ରତୀକ । ଭାରତୀୟ ମୂଲ୍ୟବୋଧର ଅବକ୍ଷୟ ଭିତରେ ମଣିଷ ଆଜି ଅଣନିଶ୍ୱାସୀ ହୋଇପଡୁଛି । ସେ କ୍ଷୁଧାର୍ତ୍ତ ପେଟରେ ଦାନା ଦେବାକୁ ଯାଇ ଦାଦନ ଖଟୁଛି । କିନ୍ତୁ ସମାଜର ଶୋଷଣ ସବୁଠି ଚାଲିଛି । ସବୁଠି ତାକୁ ସଂଘର୍ଷର ସାମ୍ନା କରିବାକୁ ପଡୁଛି ।

"ଟ୍ରକ ଡାଲାରେ ବସି

କୁଆଡ଼େ ଯାଉଛୁରେ ସନାତନ

ଥେରୁବାଲି ନା ଦାମନୋଯାଡ଼ି

ଯୁଆଡ଼େ ଯା ସବୁଠି ପାହାଡ଼

ସବୁଠି ପାହାଡ଼ ଭାଙ୍ଗି କରିବାକୁ ହେବା ଧୂଳି ।"

ହୃଦାନନ୍ଦ ପାଣିଗ୍ରାହୀ ତାଙ୍କ କବିତାରେ ଗାଁ ମାଟିର ମହକରେ ସଂପୂର୍ଣ୍ଣ ବାନ୍ଧି ହୋଇପଡ଼ିଛନ୍ତି । ସହରୀ ଜୀବନର ଯନ୍ତ୍ରଣା ଭିତରେ କବି ଅତିଷ୍ଠ । ତେଣୁ ଖୋଜନ୍ତି କିଆ କନିଅର ଡାକ ସହ ମିଠା ଜହ୍ନରାତି ।

"ଯେତେ ଥର ଛାଡ଼ିବାକୁ ଭାବୁଛି

ସେତେ ଥର ଭିଡ଼ି ଧରିଛ ମାଟି

ପଛକୁ ଡାକିଛି କିଆକନିଅର ଗାଆଁ

ଗହଳିଆ ଗଛ ଛାଇ ମିଠା ଜହ୍ନରାତି ।"

**ଶିଳ୍ପ ସଂକଟ ଓ ବିସ୍ଥାପନ ସମସ୍ୟା :**

"The country that is more development industrially only shows, to the less developed, the image of its own future."(କାର୍ଲମାକ୍ସ)

ଉତ୍ତର ଅଶୀ ଓଡ଼ିଆ କବିତାରେ ଏହି ଶିଳ୍ପ ସଂକଟ ଓ ବିସ୍ଥାପନ ସମସ୍ୟାର ଚିତ୍ର ବେଶ୍ ଶକ୍ତ । ଆଧୁନିକ ନୂତନ ଅର୍ଥନୀତି, ଜଗତୀକରଣ, ଉଦାରୀକରଣ, ଘରୋଇକରଣ, ବିଶ୍ୱଗ୍ରାମ (Global Village) ଆଦି ଦ୍ୱାରା ଭାରତୀୟ ଚିନ୍ତାଚେତନା ନୂଆ ଭାବଧାରାର ରୂପରେଖ ଦେଖିବାକୁ ମିଳିଲା । ୧୯୯୧ରେ ଏହି ନୀତି ଆମ ଭାରତରେ ଲାଗିଲା ଫଳରେ ସମଗ୍ର ବିଶ୍ୱାୟନ କ୍ଷେତ୍ରରେ ନୂଆ ପୃଥିବୀକୁ ଭାରତ ଦେଖିଲା । ସବୁ ଅଂଚଳରେ ନିଜର ସୁବିଧା ସୁଯୋଗକୁ ଉପଲବ୍ଧି କଲା ମୁକ୍ତ ଅର୍ଥନୀତି ଦ୍ୱାରା ଅନେକ ବିଦେଶୀ କଂପାନୀ ଆମ ଦେଶରେ ଉପନିବେଶମାନ ସ୍ଥାପନ କରି ଆର୍ଥିକ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ପ୍ରତିଶ୍ରୁତିବଦ୍ଧ ହେଲେ । ଯାହାଫଳରେ ବିସ୍ଥାପିତ ସମସ୍ୟା ବଢ଼ିବାରେ ଲାଗିଲା । "ଜଗତର ବିତ୍ତ ଓ ପ୍ରତିପତ୍ତିଶାଳୀମାନଙ୍କ ମାନସିକତାର ଛଳ-ବିଶ୍ୱପ୍ରାଣତା ଭାବରେ ଚିତ୍ରଣ କରି ପାରିବା । ସେହି ଯୁଦ୍ଧର ନାମ ଶୀତଳ, ସାଂପ୍ରଦାୟିକ, ଶାନ୍ତି ଯାହା ହେଉନା କାହିଁକି, ସବୁଥିରେ ବର୍ତ୍ତମାନ ରହିଛି ମଣିଷର ବୁଦ୍ଧି ଓ ସ୍ୱାର୍ଥର ଚମକ ।"

ପ୍ରାୟ ଷାଠିଏ ଦଶକରୁ (ବିଂଶ ଶତାବ୍ଦୀ) ଏହି ଶିଳ୍ପାୟନ ସଂଘର୍ଷ ଆରମ୍ଭ ହୋଇଥିଲା । ଯାହା ଆଜି ବିକଟ ରୂପ ଧାରଣ କଲାଣି । ବହୁ କମ୍ପାନୀ ଯଥା- ରିଲାଏନସ୍, ଟାଟା, ବିର୍ଲା, ବେଦାନ୍ତ, ଜିନ୍ଦଲ, ଭୂଷଣ, ପୋସ୍କୋ, ବାଲକୋ, ଫାଲକୋ, ନାଲକୋ, ବି.ଏଚଭି, ବିଲଟନ ଆଦି ଅନେକ ପୁଞ୍ଜିବାଦର ଜାଲ ବିଛେଇ ଖଣିଖାଦାନ ଓ ନିରୀହ ଅନଗ୍ରସରତାର ହେତୁଭାବରେ ଆଜି ଆମ

ଅଗରେ ଠିଆ ହୋଇଛନ୍ତି । ବିଂଶ ଶତାବ୍ଦୀ ପରେ ଆମ ଓଡ଼ିଆ କବିମାନେ ସିଧାସଳଖ ଭାବେ ଜଗତୀକରଣର ପ୍ରଭାବକୁ କବିତାରେ ରୂପ ଦେଲେ । ଏଇ ବିସ୍ଥାପନ ଆଉ ଶିଳ୍ପ ସଂକଟ ଭିତରେ ମଣିଷ ମଣିଷ ଭିତରେ ଗୋଟେ ଅନ୍ତର୍ଦ୍ୱନ୍ଦ୍ୱ ଚାଲିଛି । ତାହାକୁ ଆମ କବି ଭଲ ଭାବେ ରୂପ ଦେଇଛନ୍ତି । କବି ଆଶୁତୋଷ ପରିଡ଼ାଙ୍କ 'ଉପନିବେଶ', 'ଦଲାଲମାନେ', 'ବିସ୍ଥାପନ', 'ନୀୟମଗିରି', ସଦାଶିବ ଦାସଙ୍କ 'ପୋସ୍କୋ ପ୍ରହେଳିକା', ହୃଷୀକେଶ ମଲ୍ଲିକଙ୍କ 'ଗୋବର ଘାଟି (୨)', ଶତ୍ରୁଘ୍ନ ପାଣ୍ଡବଙ୍କ 'ଖଣି', ପୀତାମ୍ବର ତରାଇଙ୍କ 'ଗୋଟେ ଗାଆଁର ଦୃଶ୍ୟ', 'ବିଦେଶୀ କମ୍ପାନୀ', ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ 'ବିସ୍ଥାପିତ', ପିନାକୀ ମିଶ୍ରଙ୍କ 'କେନ୍ଦୁଝର', ଭରତ ମାଝିଙ୍କ 'ଲକ୍ଷ୍ମୀନାନୀ', ନରେନ୍ଦ୍ର ଭୋଇଙ୍କ 'ମାଟି ଦେହ', ସରୋଜଙ୍କ 'ଆଦିବାସୀ ଓ ଜଗତୀକରଣ', ହେମନ୍ତଙ୍କ 'ଶିମିଳି ଫୁଲ' ଆଦି କବିତା ଗୁଡ଼ିକରେ ଏ ସବୁର ସଂକଟ ବେଶ୍ ବଳିଷ୍ଠ । ୧୯୪୮ ମସିହାରେ ହୀରାକୁଦ ନଦୀବନ୍ଧ ଯୋଜନାର ଶିଳାନ୍ୟାସ କରିବା ସମୟରେ ପଣ୍ଡିତ ନେହେରୁ ସେଠାକାର ବିସ୍ଥାପିତ ଲୋକଙ୍କୁ ଭାଷଣ ଦେଇ କହିଥିଲେ- "ଆପଣମାନଙ୍କୁ ଯଦି କ୍ଷତିଗ୍ରସ୍ତ ହେବାକୁ ପଡ଼େ ତା'ହେଲେ ଆପଣମାନେ ଦେଶର ସ୍ୱାର୍ଥ ଦୃଷ୍ଟିରୁ ତାହା ସ୍ୱୀକାର କରିଦେବା ଆବଶ୍ୟକ ।" ଏହାଠାରୁ ବିଡ଼ମ୍ବନାର ବିଷୟ କିଛି ନାହିଁ । ଏଭଳି ଏକ ସମସ୍ୟାର ଚିତ୍ର ଆଙ୍କିବାରେ ଆମ କବିମାନେ ଯଥେଷ୍ଟ ସମର୍ଥ ।

ହୃଷୀକେଶ ମଲ୍ଲିକ ତାଙ୍କ 'ଗୋବରଘାଟି', କବିତାରେ ନୀଳାଚଳ ଇସ୍ପାତ ନିଗମର ପ୍ରତିଷ୍ଠା ପାଇଁ ବିସ୍ଥାପିତ ଲୋକଙ୍କ ପ୍ରତିଶ୍ରୁତି ରକ୍ଷାର ଅପାରଗତା ସଂପର୍କରେ ଉଲ୍ଲେଖ କରିଛନ୍ତି । କବି ପୀତାମ୍ବର ତରାଇ 'ଗୋଟେ ଗାଆଁର ଦୃଶ୍ୟ' କବିତାରେ 'ଉଡ଼ାଜାହାଜ ଉଡ଼ିବା' ସୂଚନା ପ୍ରଦାନ କରି ସଂକଟମୟ ଜୀବନର ଚିତ୍ର ଆଙ୍କିବାରେ ସମର୍ଥ ହୋଇଛନ୍ତି ।

"ଆଜି ଗାଁ ଉପରେ ଉଡୁଥିଲା ହେଲିକ୍ୟାପ୍ଟର ଦେଖିଛ କି
ଭିତରେ କିଏ ଥିଲେ କେଜାଣି
ଉପରେ ତ ଉଡ଼ନ୍ତି କୃଷ୍ଣ, କ୍ଲିଣ୍ଟନଙ୍କ ପରି ବଡ଼ବଡ଼ ଲୋକ
x x x
ଜାଣିଛ କି ଅବେଳାରେ ମୁଣ୍ଡ ଉପରେ ଶ୍ୱେତ ଶାଗୁଣା
ଉଡ଼ିବା ଯାହା
ଉଡ଼ାଜାହାଜ ଉଡ଼ିବା ବି ତାହା, ବିପଦ, ବିପଦ ।
ଶୁଣିନାକି ଆଂଚଳିକ ସଂବାଦ, ଏଠି ବସିବ
ଗୋଟେ ଇସ୍ପାତ ନିଗମ
ନିଗମ ତ ନୁହେଁ, ଜମି ଜଙ୍ଗଲ ଜଳ ପାଇଁ
ନିଆଁ ଆଉ ନରକର ଯମ ।"

ଅନ୍ୟତ୍ର କବି ନରେନ୍ଦ୍ର ଭୋଇ ନିର୍ଭୀକ ପଣରେ ଭାବବ୍ୟଞ୍ଜକ ଶବ୍ଦର ବ୍ୟବହାର କରି ଏ ଶିଳ୍ପ ସଂକଟ ଉତ୍କଟ ଦୃଶ୍ୟକୁ ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରିଛନ୍ତି ।

"କାହାର ଜମିରେ କମ୍ପାନୀ ମାପିବା
ସମୃଦ୍ଧିର ଶାଳଗ୍ରାମ କାହାର ଘର ଭାଙ୍ଗିବ
ମେସିନ୍ ମହାସୁର
ଏ ଜମିର କାହାର ଅଛି ପୈତୃକ ଅଧିକାର
ଜାଣକି ହୋ ଶାସନ ସୌଦାଗର
ମାଟିଖୋଳ, ଖୋଳି ଦେଖ
ଭାଟିସାରା ଗୋଟା ଦେହେ ଆମର ।"

ଏ ମାଟିରେ ଆମର ଅଧିକାର, ଆମର ହିଁ ଏହା ପ୍ରାପ୍ୟ । କିନ୍ତୁ ବିଦେଶୀ ତଥା ଉପନିବେଶବାଦୀ ସଂସ୍କୃତି ଆମକୁ ଗ୍ରାସକରି ଯାଉଛି ଗୋଟାପଣେ ଗିଳିଯାଉଛି ।

**ସାଂପ୍ରତିକ ପଲ୍ଲୀ ଅବାବୋଧ :**

ସ୍ଥୁଳତଃ ଆମ ଭାରତୀୟ ସଂସ୍କୃତି, ପଲ୍ଲୀ ସଂସ୍କୃତି । ତେଣୁ ମହାତ୍ମାଗାନ୍ଧୀ ଏହି ଗ୍ରାମୀଣ ସଂସ୍କୃତିକୁ ଲକ୍ଷ୍ୟ କରିଥିଲେ- "The soul of India lives in its Villages." ଏଇ ଜଗତୀକରଣ ଜ୍ୱାଳାରେ ଆଜିର ସଂସ୍କୃତି ଆମ ସେହି ସନାତନୀ ସଂସ୍କୃତିକୁ ଭାଙ୍ଗିବାରେ ଲାଗିଛି । ପାରମ୍ପରିକ ମୂଲ୍ୟବୋଧ ସହ ପଲ୍ଲୀସଂସ୍କୃତିର ଅବକ୍ଷୟ ଆଜିର ଦୁନିଆରେ ସାଧାରଣ ହୋଇଯାଇଛି । ସହରାଭିମୁଖୀ ଜୀବନଶୈଳୀ ମନୁଷ୍ୟ ଜୀବନରେ ନୂଆ ଏକ ଆଲୋଡ଼ନ ସୃଷ୍ଟି କରୁଛି । ଯାହା ଆମ ମୂଲ୍ୟବୋଧ ଅବକ୍ଷୟ କରୁଛି । ତେଣୁ ଗାନ୍ଧିଜୀ ଆହ୍ୱାନ ଦେଇଥିଲେ ଯେ, 'Go back to Village.'

ଏହି ସ୍ୱର ସହିତ ସମତାଳରେ ଆମ ଓଡ଼ିଆ କବି ଏ କାବ୍ୟଚେତନାକୁ ଆହୁରି ବଳିଷ୍ଠ କରି ଦେଇଛି । ରୁଗ୍ଣ ପଲ୍ଲୀସଂସ୍କୃତି ଚେତନାକୁ ଆଖି ଆଗରେ ରଖି କବି ହୃଷୀକେଶ ମଲ୍ଲିକ ଓ ଦିଲ୍ଲୀପ କୁମାର ସ୍ୱାଇଁ ରଚନା କରିଛନ୍ତି, ଯଥାକ୍ରମେ 'ଧାନ ସାଉଁଟା ଝିଅ' (୧୯୮୭), 'ଉଜୁଡ଼ା କ୍ଷେତର ଗୀତ'(୧୯୯୧), 'ଧାନଫୁଲ କାନଫୁଲ' (୨୦୧୫) ଏବଂ ସୌରିନ୍ଦ୍ର ବାରିକଙ୍କ 'ଚହଲା

ଛାଇରେ ଘଡ଼ିଏ' ଆଦି କବିତା ଗ୍ରନ୍ଥ । ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତା 'ଏଇ କି ଗାଆଁ', ହରିଶ୍ଚନ୍ଦ୍ର ବେହେରାଙ୍କ 'ନିର୍ଜନତା ମୋ ଗାଆଁ', ରମେଶ ପ୍ରତାପଙ୍କ 'ଗାଁରେ ସୂର୍ଯ୍ୟାସ୍ତ', ନାରାୟଣ ପ୍ରସାଦ ବେହେରାଙ୍କ 'ପଲ୍ଲୀଚିତ୍ର; କେମିତି ଅଛି ରତନ ମାଝୀ', ବ୍ରହ୍ମାନନ୍ଦ ଦାସଙ୍କ 'ପକ୍ଷୀମେଳଣ', ମନୋଜ କୁମାର ପଣ୍ଡାଙ୍କ 'ଭୋକର ଗାଆଁ', ଜାକୀର ଖାନଙ୍କ 'ହଡ଼ାବଳଦ', ପ୍ରସନ୍ନ କୁମାର ମହାନ୍ତିଙ୍କ 'ଗାଆଁର ଗପ', ନିତ୍ୟାନନ୍ଦ ନାୟକଙ୍କ 'ପୂଜା ଛୁଟିରେ ଗାଁ', ଅଭୟ ନାୟକଙ୍କ 'ଗାଁଲୋକ' ଆଦି କବିତାଗୁଡ଼ିକରେ ମଧ୍ୟ ଜଗତୀକରଣ ପରବର୍ତ୍ତୀ ଦୃଶ୍ୟକୁ ସହଜରେ ଉପଲବ୍ଧି କରିପାରିବା ।

"କେତେ ବଦଳି ଯାଇଛି
ଏଇ ଗାଆଁ
ରାଜନିତୀର ମଂତୁରା ପାଣିରେ
ଜଳୁଛି ସାହିବସ୍ତି, ରାସ୍ତାଘାଟ
ବିଲବାଡ଼ି, ପଡ଼ିଆ ଗୋଚର।
ଯେଉଁଠି ଦିନେ ଫୁଟୁଥିଲା
ରଙ୍ଗବେରଙ୍ଗ ଘାସଫୁଲ
ସେଠିବା ଛାଡ଼ି ହୋଇପଡ଼ିଛି
ଛିଣ୍ଡା ଜରି, ପଲିଥିନ୍
ଭଙ୍ଗା ବୋତଲ ।"

କବି ହୃଦାନନ୍ଦ ପାଣିଗ୍ରାହୀ ଏଠାରେ ଏକ ଧ୍ୱସ୍ତବିଧ୍ୱସ୍ତ ଗାଆଁର ଚିତ୍ର ଦେଇଛନ୍ତି, ଯାହା ଖୁବ୍ ମାର୍ମିକ । ମନୋରମା ବିଶ୍ୱାଳ ମହାପାତ୍ର ତାଙ୍କ କବିତା 'ମୁଁ ଜନ୍ମିବି କବି ହୋଇ'ରେ ନୂଆ ଏକ ଭାବ ଚେତନାକୁ ସଂଯୁକ୍ତ କରି ପଲ୍ଲୀଚେତନାର ସ୍ୱାଭାବିକତାକୁ ପ୍ରକଟ କରିଛନ୍ତି ।

"ଧାନ ଭର୍ତ୍ତି ଅମାରରେ
ସାରା ମାଟିକାନ୍ଥରେ
ଜାତି-ଜାତଝୋଟି ଆଉ ଚିତା
ବାଡ଼ିସାରା କାକୁଡ଼ି ଜହ୍ନି
କଖାରୁ ଫୁଲର ଲତା
ମୁଁ ଜନ୍ମିବି ପୁଣିଥରେ
ଆସନ୍ତା ଜନ୍ମରେ ଏଇଠି,
ଏଇ ଗାଆଁର କବି ହୋଇ ।"

**ଉପଭୋକ୍ତାବାଦୀ ସଂସ୍କୃତିର ପ୍ରଭାବ :**

ବଜାରବାଦ ତଥା ଉପଭୋକ୍ତାବାଦକୁ ଇଂରାଜୀରେ 'Consumerism' କୁହାଯାଏ । ଜଗତୀକରଣ ପ୍ରକ୍ରିୟାରେ ସମଗ୍ର ବିଶ୍ୱରେ ଭୋଗବାଦକୁ ପ୍ରାଧାନ୍ୟ ଦିଏ । ଆଜି ସମଗ୍ର ବିଶ୍ୱ ଏକ ହାଟ (Global Market) । ଏଇ ଆଧୁନିକ ବିଶ୍ୱବଜାରରେ ସମସ୍ତେ କିଣିବାରେ ବ୍ୟସ୍ତ; କିନ୍ତୁ କାହିଁକି କିଣୁଛେ ଆମକୁ ଜଣାନାହିଁ । ସେଥିପାଇଁ କବି ରସ୍‌ଡିକ୍ସ ପିକ୍ ଲେଖନ୍ତି-

"We don`t ask why, we just buy
Seduced by yet another lie.
Told we need
The subliminal bleed
Spend, spend, spend
The madness knows no end. "
(Consumerism, merely another God)

ଆଶୁତୋଷ ପରିଡ଼ା ବଜାର-୨ କବିତାରେ ବଜାରବାଦୀ ସଂସ୍କୃତିର ଚିତ୍ର ଦେଇଛନ୍ତି । "କେଉଁ ଉନ୍ମୁକ୍ତ ଲୋଭର ହାଟ ଭିତରକୁ / ଖଣ୍ଡଖଣ୍ଡ ହୋଇ ଖସିପଡୁଛି ପୃଥିବୀ /ବୋକ୍ରି ହେବାକୁ ଚୁପ୍‌ଚାପ୍ ଅପେକ୍ଷା କରିଛନ୍ତି / ଗଛପତ୍ର, ପର୍ବତ, ନଦୀ / ନିଲାମ ହେବାକୁ ବି ଅପେକ୍ଷା କରିଛନ୍ତି / ଚନ୍ଦ୍ର, ସୂର୍ଯ୍ୟ" । ଆଜି ନାରୀର ବାଙ୍ଖିଲା ଯୌବନ ମଧ୍ୟ ବିକ୍ରୟ ପାଇଁ ବାଜାରରେ ଉପଲବ୍ଧ । ସୁଚେତା ମିଶ୍ର ତାଙ୍କ ଭୋଗ୍ୟା କବିତାରେ ଏହି ଭାବଧାରା ବଳିଷ୍ଠ ।

ଏପରି ଅନେକ ଚିତ୍ର ଆମ କବିଏ ଆଙ୍କିଛନ୍ତି । ଉତ୍ତରଅଶୀ କାବ୍ୟଧାରାରେ ଏପରି ଆହୁରି ଅନେକ ଉପାଦାନ ଅଛି ଯାହାକୁ ଏଥିରେ ଆଲୋଚନା କରିବା ସମ୍ଭବ ନୁହେଁ । ସେଗୁଡ଼ିକ ଭିତରେ ଜଳ ସଂକଟ, ନାରୀ ସ୍ୱାଭିମାନ ତଥା ଦୁଷ୍କର୍ମଜନିତ କ୍ରିୟା ପ୍ରତିକ୍ରିୟା, ଦଳିତ ଆନ୍ଦୋଳନ, ଅବକ୍ଷୟମୁଖୀ ମାନବସମ୍ବଳ, ପୁରୁଷ ନିର୍ଯ୍ୟାତନା ତଥା ଯୌନଚେତନା ସଂପର୍କିତ ଉକ୍ରଟ ଦୃଶ୍ୟ ଏହାର ପରିସରଭୁକ୍ତ କରାଯାଇପାରିବ । ଯାହାକି ଜଗତୀକରଣ ଭିତ୍ତିକ ଉତ୍ତର ଅଶୀ କାବ୍ୟ ଚେତନାର ପରିଣତି ।

**ସହାୟକ ଗ୍ରନ୍ଥସୂଚୀ :**

**ଓଡ଼ିଆ**

୧) ଦାଶ, ଗୌରାଙ୍ଗ ଚରଣ, ସଂସ୍କୃତି, ଜଗତିକରଣ ଓ ମଂଚ ରାଜନୀତି । ପ୍ରଥମ ସଂସ୍କରଣ, କଟକ, ପ୍ରାଚୀସାହିତ୍ୟ ପ୍ରତିଷ୍ଠାନ, ୨୦୦୬ ।

ସାହିତ୍ୟ : ସୃଷ୍ଟି ଓ ସମ୍ଭାବନା । ପ୍ରଥମ ସଂସ୍କରଣ, କଟକ, ସତ୍ୟନାରାୟଣ ବୁକ୍‌ଷ୍ଟୋର, ୨୦୨୯ ।

୩) ଦାଶ କୁମୁଦ ଚନ୍ଦ୍ର, କାବ୍ୟଭୂମି । ପ୍ରଥମ ସଂସ୍କରଣ, କଟକ, ଅକ୍ଷର, ୨୦୦୯ ।

୪) ସ୍ୱାଇଁ, ଡଃ ଦିଲୀପ କୁମାର, ବିଦଗ୍ଧ କାବ୍ୟବୋଧ । ପ୍ରଥମ ସଂସ୍କରଣ, କଟକ, ବିଜୟିନୀ ପବ୍ଲିକେଶନ୍, ୨୦୧୯ ।

୫) ରଥ, ପ୍ରଦୀପ କୁମାର, ଆଧୁନିକବାଦ-ଉତ୍ତର ଆଧୁନିକତାବାଦ : ଏକ ଅନୁଶୀଳନ । ପ୍ରଥମ ସଂସ୍କରଣ, କ୍ଷଣପ୍ରଭା ପ୍ରକାଶନୀ, ୨୦୧୩ ।

୬) ପାଣିଗ୍ରାହୀ, ପବିତ୍ର, ଜଗତୀକରଣ ଓ ଓଡ଼ିଆ ଗଳ୍ପ । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ଟାଇମ୍‌ପାସ୍, ୨୦୧୩ ।

୭) ବାରିକ, ଡଃ ଶ୍ରୀକାନ୍ତ କୁମାର, କାବ୍ୟମଂଚ : ସ୍ପନ୍ଦିତ ସମୟ । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ବର୍ଷା ପବ୍ଲିକେଶନ୍, ୨୦୧୮ ।

୮) ମିଶ୍ର, ଡଃ ଚିତ୍ତରଂଜନ, ଓଡ଼ିଆ କାବ୍ୟ କବିତାରେ ଗାଆଁ । ପ୍ରଥମ ସଂସ୍କରଣ, କଟକ, ବିଜୟିନୀ ପବ୍ଲିକେଶନ୍, ୨୦୧୪ ।

୯) ପରିଡ଼ା, ଆଶୁତୋଷ, ନିର୍ବାଚନ କବିତା । ପ୍ରଥମ ସଂସ୍କରଣ, ଯାଜପୁର, ପ୍ରଗତି, ୨୦୧୧ ।

୧୦) ଜେନା, କୁଳମଣି, ମାର୍କ୍ସବାଦ ଓ ଉତ୍ତର ଆଧୁନିକବାଦ । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ଲେଖାଲେଖି, ୨୦୧୮ ।

୧୧) ମଲ୍ଲିକ, ହୃଷୀକେଶ, ଶ୍ରେଷ୍ଠ କବିତା । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ଟାଇମ୍‌ପାସ୍, ୨୦୧୬ ।

୧୨) ବେହେରା, ଶ୍ରୀ ଗୁରୁଚଣ ଓ ଅନ୍ୟମାନେ, ତେତିଶ ଓଡ଼ିଆ କବି । ପ୍ରଥମ ସଂସ୍କରଣ, କଟକ, ନିଉଏଜ୍ ପବ୍ଲିକେଶନ, ୨୦୧୦ ।

୧୩) ସ୍ୱାଇଁ, ଡଃ ଦିଲୀପ କୁମାର, ଧାନଫୁଲ କାନଫୁଲ । ପ୍ରଥମ ସଂସ୍କରଣ, କଟକ, ବିୟିନି, ୨୦୧୫ ।

**ହିନ୍ଦୀ**

୧) ଦୁବେ, ଅଭୟ କୁମାର, ଭାରତ୍‌କାଭୂମଣ୍ଡଳୀକରଣମ୍ । ବାଣୀ ପ୍ରକାଶନ ବିକାଶଶୀଳ ସମାଜ ଅଧ୍ୟୟନ ପିଠ, ଆଇଏସ୍‌ବିଏନ୍-୮୧-୭୦୫୫-୧୩୩-୧ ।

୨) ପ୍ରତାନ୍ଦେଲ୍, ପ୍ରମୋଦ, ହିନ୍ଦି ସାହିତ୍ୟ ବିଶେଷାଙ୍କ, ଭୁମଣ୍ଡଳୀକରଣମ୍ ଓର୍ ହିନ୍ଦୀ ସାହିତ୍ୟ, ଭଲ୍ୟୁମ୍-୫, ସ୍ପେସିଆଲ୍ ଇସୁ ନଂ-୨୨, ଆୟୁଶୀ ଇଂଟନଡିସିପ୍ଲିନାରୀ ରିସର୍ଚ୍ଚ ଜର୍ଣ୍ଣାଲ୍, ମାର୍ଚ୍ଚ-୨୦୧୮ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ପାଂଚଗଡ଼ ସୋମମନାଥ ସିଂହ ଜଗଦ୍ଦେବ
ସ୍ନାତକ ମହାବିଦ୍ୟାଳୟ, ବଅଁରପାଳ
ଦୂରଭାଷ : ୭୩୭୭୪୪୯୬୫୪